# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 22 October – 2025

******************************

## ମୁଖ୍ୟ ସମ୍ବାଦ

- ନୂଆପଡ଼ା ବିଧାନସଭା ଉପନିର୍ବାଚନ ନାମାଙ୍କନପତ୍ର ଯାଞ୍ଚ ପ୍ରକ୍ରିୟା ଶେଷ; ୧୯ ଜଣଙ୍କ ମଧ୍ୟରୁ ୧୪ ଜଣଙ୍କ ପ୍ରାର୍ଥୀପତ୍ର କାଏମ

- ପରିବେଶକୁ ସ୍ୱଚ୍ଛ ଓ ସବୁଜ ରଖିବାରେ ସହାୟକ ହେଉଛି 'ଏକ୍ ପେଡ୍ ମା' କେ ନାମ୍' ଅଭିଯାନ

- ଯୁକ୍ତ ଦୁଇ ନାମଲେଖାର ତୃତୀୟ ପର୍ଯ୍ୟାୟରେ ୧୦ ହଜାରରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କ ଆବେଦନ ଗ୍ରହଣ

ଏବଂ

- ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପର ପ୍ରଭାବରେ ଆସନ୍ତା ରବିବାର ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ଲାଗି ରହିବ ବର୍ଷା

# ଉପନିର୍ବାଚନ

**ନୂଆପଡ଼ା** ବିଧାନସଭା ଉପନିର୍ବାଚନ ପାଇଁ ଆଜି ପ୍ରାର୍ଥୀପତ୍ର ଯାଞ୍ଚ ଶେଷ ହୋଇଛି । ୧୪ ଜଣ ପ୍ରାର୍ଥୀଙ୍କ ପ୍ରାର୍ଥୀପତ୍ର କାଏମ ରହିଥିବାବେଳେ ୫ ଜଣଙ୍କ ପ୍ରାର୍ଥୀପତ୍ର ନାକଚ ହୋଇଥିବା ନେଇ ଜିଲ୍ଲା ରିଟର୍ଣ୍ଣିଂ ଅଧିକାରୀ କହିଛନ୍ତି ।

ଆକାଶବାଣୀ ସମ୍ବାଦ ବିଭାଗ ପକ୍ଷରୁ ଶୁଣନ୍ତୁ ଏ ସମ୍ପର୍କରେ ଏକ ରିପୋର୍ଟ....

ନୂଆପଡ଼ା ଉପନିର୍ବାଚନ ପାଇଁ ବିଜେପି ପ୍ରାର୍ଥୀ ଜୟ ଢୋଲକିଆ, କଂଗ୍ରେସ ପକ୍ଷରୁ ଘାସିରାମ ମାଝୀ, ବିଜେଡି ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆ ଓ ଓଡ଼ିଶା ଜନତା ପାର୍ଟି ପକ୍ଷରୁ ଶୁକଧର ଦଣ୍ଡସେନାଙ୍କ ନାମାଙ୍କନପତ୍ର କାଏମ ରହିଛି । ବହୁଜନ ସମାଜପାର୍ଟିର ରାଜାରାମ ସାହୁ, ରାଷ୍ଟ୍ରୀୟ ପରିବର୍ତ୍ତନ ଦଳର ସୀତାରାମ ବେହେରା ଏବଂ ୩ ଜଣ ସ୍ୱାଧୀନ ପ୍ରାର୍ଥୀ ପୁରୁଷୋତ୍ତମ ବେହେରା, କଳମ କୁମାର ଛତ୍ରୀୟା, ଭୁଜବଳ ଆଡବଙ୍ଗଙ୍କ ପ୍ରାର୍ଥୀପତ୍ର ନାକଚ ହୋଇଥିବା ଜିଲ୍ଲା ନିର୍ବାଚନ କାର୍ଯ୍ୟାଳୟରୁ ସୂଚନା ମିଳିଛି । ପ୍ରମୁଖ ରାଜନୈତିକ ଦଳର ୮ ଜଣଙ୍କ ସମେତ ମୋଟ୍ ୧୧ ଜଣ ସ୍ୱାଧୀନ  ପ୍ରାର୍ଥୀଙ୍କ ନାମାଙ୍କନପତ୍ର ଦାଖଲ କରିଥିଲେ । ଆସନ୍ତା ଶୁକ୍ରବାର ଦିନ ନାମାଙ୍କନପତ୍ର ପ୍ରତ୍ୟାହାର ଶେଷ ତାରିଖ ରହିଛି । ନଭେମ୍ବର ୧୧ ତାରିଖରେ ମତଦାନ ଅନୁଷ୍ଠିତ ହେବ । ନଭେମ୍ବର ୧୪ ତାରିଖରେ ଭୋଟଗଣତି କରି ଫଳାଫଳ ପ୍ରକାଶ ପାଇବ । ବିଜେପି, ବିଜେଡି ଏବଂ କଂଗ୍ରେସ ପକ୍ଷରୁ ୪୦ ଜଣ ଲେଖାଏଁ ତାରକା ପ୍ରଚାରକ ତାଲିକା ଜାରି ହେବା ପରେ ନିର୍ବାଚନୀ ପ୍ରଚାର ଚାଲିଛି ।

ନୂଆପଡ଼ା ବିଧାନସଭା ଉପନିର୍ବାଚନରେ ୨ ଲକ୍ଷ ୪୮ ହଜାର ୨୫୬ ଜଣ ଭୋଟର ମତାଧିକାର ସାବ୍ୟସ୍ତ କରିବେ। ସେମାନଙ୍କ ମଧ୍ୟରେ ୧ ଲକ୍ଷ ୨୨ ହଜାର ୧୦୩ ଜଣ ପୁରୁଷ ଓ ୧ ଲକ୍ଷ ୨୬ ହଜାର ୧୩୨ ଜଣ ମହିଳା ଭୋଟର ଅଛନ୍ତି।

ନୂଆପଡ଼ା ବିଧାନସଭା କ୍ଷେତ୍ରରେ ୩୫୮ଟି ମତଦାନ କେନ୍ଦ୍ରରେ ଆସନ୍ତା ମାସ ୧୧ ତାରିଖ ଦିନ ଭୋଟ ଗ୍ରହଣ କରାଯିବ। ଯେଉଁ ବୁଥ୍‌ରେ ୧୨ ଶହରୁ ଅଧିକ ଭୋଟର ଅଛନ୍ତି, ସେ ସମସ୍ତ ସ୍ଥାନଗୁଡ଼ିକରେ ୫୬ଟି ଅତିରିକ୍ତ ନୂଆ ବୁଥ୍ କରାଯାଇଛି। ଗ୍ୟାଜେଟ୍ ବିଜ୍ଞପ୍ତି ଅନୁଯାୟୀ, ମାଓ ପ୍ରଭାବିତ ଅଂଚଳରେ ଥିବା ୪୭ଟି ବୁଥ୍‌ରେ ସକାଳ ୭ଟାରୁ ଅପରାହ୍ଣ ୪ଟା ପର୍ଯ୍ୟନ୍ତ ମତଦାନ ପାଇଁ ସମୟ ନିର୍ଘଣ୍ଟ କରାଯାଇଛି। ସେହିପରି ଅନ୍ୟ ସମସ୍ତ ବୁଥରେ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଭୋଟ ଗ୍ରହଣ କରାଯିବ।

ଉପନିର୍ବାଚନ ସମ୍ବନ୍ଧୀୟ କୌଣସି ଅଭିଯୋଗ ପାଇଁ ସାଧାରଣ ପର୍ଯ୍ୟବେକ୍ଷକ ଯୋଗାଯୋଗ ନମ୍ବର ୯୦୭୮-୭୫୨-୪୫୨ ପ୍ରଦାନ କରାଯାଇଛି। ଏହା ସହ ବ୍ୟକ୍ତିଗତ ଭାବେ ନୂଆପଡା ସର୍କିଟ ହାଉସ୍‌ଠାରେ ସକାଳ ୧୧ଟାରୁ ମଧ୍ୟାହ୍ନ ୧୨ଟା ମଧ୍ୟରେ ସାକ୍ଷାତ କରିପାରିବେ।

ଆକାଶବାଣୀ ସମ୍ବାଦ ବିଭାଗ ପକ୍ଷରୁ ମୁଁ ସ୍ମୃତିରେଖା ତାରେଣୀଆ

## ଇଣ୍ଡିଆ ଫରେଷ୍ଟ ଏରିଆ

ବିଶ୍ୱ ପରିବେଶ ସଂରକ୍ଷଣ କ୍ଷେତ୍ରରେ ଭାରତ ଏକ ଉଲ୍ଲେଖନୀୟ ମାଇଲ୍ ଖୁଣ୍ଟ ହାସଲ କରିଛି। ମୋଟ୍ ଜଙ୍ଗଲ କ୍ଷେତ୍ରଫଳ ଦୃଷ୍ଟିରୁ ଭାରତ ବିଶ୍ୱସ୍ତରରେ ନବମ ସ୍ଥାନକୁ ଉନ୍ନୀତ ହୋଇଛି । ଇଣ୍ଡୋନେସିଆର ବାଲିଠାରେ ଖାଦ୍ୟ ଓ କୃଷି ସଂରକ୍ଷଣ ଦ୍ୱାରା ପ୍ରକାଶିତ ବିଶ୍ୱ ବନସଂପଦ ମୂଲ୍ୟାଙ୍କନ ୨୦୨୫ ରିପୋର୍ଟରେ ଏହା ଉଲ୍ଲେଖ କରାଯାଇଛି । ପରିବେଶ ମନ୍ତ୍ରୀ ଭୂପେନ୍ଦର ଯାଦବ କହିଛନ୍ତି, ଏହି ସଫଳତା ବନୀକରଣ, ଜଙ୍ଗଲ ସୁରକ୍ଷା ଏବଂ ସଂପ୍ରଦାୟ ନେତୃତ୍ୱ କ୍ଷେତ୍ରରେ କେନ୍ଦ୍ର ସରକାରଙ୍କ ନୀତି ଏବଂ କାର୍ଯ୍ୟକ୍ରମକୁ ପ୍ରତିଫଳିତ କରୁଛି । ପୂର୍ବରୁ ଏହି ମୂଲ୍ୟାଙ୍କନରେ ଥିବା ଦଶମ ସ୍ଥାନରୁ  ଉନ୍ନୀତ ହୋଇ ଭାରତ ଏବେ ନବମ ସ୍ଥାନରେ ପହଞ୍ଚିବା ଏକ ବଡ଼ ସଫଳତା ବୋଲି ସେ ବର୍ଣ୍ଣନା କରିଛନ୍ତି । ପରିବେଶ ସୁରକ୍ଷା ଏବଂ ନିରନ୍ତର ବିକାଶ କ୍ଷେତ୍ରରେ ଦେଶର ସ୍ଥିର ପ୍ରତିବଦ୍ଧତାକୁ ଏହା ପ୍ରତିପାଦନ କରୁଛି ବୋଲି ଶ୍ରୀ ଯାଦବ କହିଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା କାର୍ଯ୍ୟକାରୀ ହୋଇଥିବା ଏକ୍ ପେଡ୍ ମା କେ ନାମ୍ ଅଭିଯାନ ଉପରେ ଆଲୋକପାତ କରି ମନ୍ତ୍ରୀ ଶ୍ରୀ ଯାଦବ କହିଛନ୍ତି, ଦେଶବ୍ୟାପୀ ଏହା ଏକ ଜନଆନ୍ଦୋଳନରେ ପରିଣତ ହେବା ସହ ପରିବେଶକୁ ସବୁଜ ଓ  ସ୍ୱଚ୍ଛ ରଖିବାରେ ସହାୟକ ହେଉଛି।

# ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୨୬ ତାରିଖ  ରବିବାର ଦିନ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଜନସାଧାରଣଙ୍କ ସହ ଭାବ ବିନିମୟ କରିବେ । ଏହା ହେବ ତାଙ୍କର ମାସିକ ରେଡିଓ ମନ୍ କି ବାତ୍

କାର୍ଯ୍ୟକ୍ରମର ୧୨୭ତମ ସଂସ୍କରଣ । ଏଥିପାଇଁ ପ୍ରଧାନମନ୍ତ୍ରୀ ଜନସାଧାରଣଙ୍କୁ ସେମାନଙ୍କର ମତାମତ ଦେବାକୁ ଅନୁରୋଧ କରିଛନ୍ତି । ଜନସାଧାରଣ ନମୋ ଆପ୍ ଓ My Gov ପୋର୍ଟାଲ୍‌ରେ ସେମାନଙ୍କର ମତାମତ ଦେଇ ପାରିବେ । ଏହା ବ୍ୟତୀତ ସେମାନେ 1800-11-7800 ଡାଏଲ୍ କରି ସେମାନଙ୍କର ମତାମତ ରେକର୍ଡ କରିପାରିବେ । 1922 କୁ ମିସ୍‌ଡ କଲ୍ ଦେଇ SMS ଅନୁସାରେ ନିଜର ମତାମତ ଆସନ୍ତା ଶୁକ୍ରବାର ମଧ୍ୟରେ ଦେଇପାରିବେ ।

ମନ୍ କି ବାତ୍ କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ ନେଟ୍‌ୱର୍କ, ଆକାଶବାଣୀ ସମ୍ବାଦ ୱେବ୍‌ସାଇଟ୍ ଓ ନ୍ୟୁଜ୍ ଅନ୍ ଏ.ଆଇ.ଆର୍. ମୋବାଇଲ୍ ଆପ୍‌ରେ ଉପଲବ୍ଧ ହେବ । ଏହା ଆକାଶବାଣୀ ସମ୍ବାଦ, ଡି.ଡି. ନ୍ୟୁଜ୍, ପି.ଏମ୍.ଓ. ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ଲାଇଭ୍ ଷ୍ଟ୍ରିମିଙ୍ଗ୍ ହେବ । ହିନ୍ଦୀ ପ୍ରସାରଣ ପରେ ପରେ ଆକାଶବାଣୀ କାର୍ଯ୍ୟକ୍ରମର ଆଞ୍ଚଳିକ ଭାଷାନ୍ତରଣର ପ୍ରସାରଣ କରିବ ।

## ଜୈବିକ ସାର

ରାଜ୍ୟ ସରକାର ସାର ସଙ୍କଟ ଦୂର କରିବା ସହିତ ରାସାୟନିକ ସାର ବଦଳରେ ଜୈବିକ ଚାଷକୁ ପ୍ରୋତ୍ସାହନ ଦେବା ଲାଗି 'ଧର୍ତୀ ମାତା ବଚାଓ' ଅଭିଯାନ କାର୍ଯ୍ୟକାରୀ କରିବାପାଇଁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । କୃଷି ବିଭାଗର ପ୍ରମୁଖ ସଚିବ ଅରବିନ୍ଦ ପାଢ଼ୀଙ୍କ ସୂଚନା ଅନୁସାରେ ଜୈବିକ ସାର ବ୍ୟବହାରକୁ ଗୁରୁତ୍ୱ ଦେବାପାଇଁ ଜିଲ୍ଲା ସ୍ତରରେ ତ୍ରିସ୍ତରୀୟ କମିଟି ଗଠନ କରିବାକୁ କୁହାଯାଇଛି । ପଞ୍ଚାୟତ ସ୍ତରରେ କମିଟି ଗଠନ ଏବଂ ତଦାରଖ

ସମିତି ଲାଗି ନିର୍ଦ୍ଦେଶ ରହିଛି । ଜିଲ୍ଲାସ୍ତରୀୟ କମିଟି ସର୍ବାଧିକ ରାସାୟନିକ ସାର ବ୍ୟବହୃତ ହେଉଥିବା ୧୦୦ଟି ଗ୍ରାମ ପଞ୍ଚାୟତକୁ ଚିହ୍ନଟ କରିବେ । ଜୈବିକ ସାରକୁ ପ୍ରୋତ୍ସାହନ ଦେବାପାଇଁ ରାଜ୍ୟ ସରକାର ପୂର୍ବରୁ ବଳଭଦ୍ର ଜୈବିକ ଚାଷ ମିଶନ କାର୍ଯ୍ୟକ୍ରମ ଜାରି ରଖିଛନ୍ତି ।

ଏହି କମିଟି ସାର ଚୋରାଚାଲାଣ ଏବଂ କଳାବଜାର ଉପରେ ନଜର ରଖିବେ । ଏହାବ୍ୟତୀତ ମାସିକ ସମୀକ୍ଷା କରି ନିଅଣ୍ଟ ସାର ସମସ୍ୟାର ସମାଧାନ କରିବେ ।

## ଯୁକ୍ତ ଦୁଇ

ଯୁକ୍ତ ଦୁଇ ନାମଲେଖା ନିମନ୍ତେ ଚଳିତ ଶିକ୍ଷାବର୍ଷ ପାଇଁ ତୃତୀୟ ପର୍ଯ୍ୟାୟରେ ମୋଟ ୧୦ ହଜାର ୫୭୬ ଜଣ ଆବେଦନକାରୀଙ୍କୁ ଚୟନ କରାଯାଇଛି। ସେମାନଙ୍କ ମଧ୍ୟରୁ ୮ ହଜାର ୫୮୭ ଜଣ ନୂତନ ଆବେଦନକାରୀ ଅଛନ୍ତି। ଯେଉଁମାନେ ପୂର୍ବ ଦୁଇଟି ପର୍ଯ୍ୟାୟରେ ଆବେଦନ କରି ନଥିଲେ। କଳାରେ ସର୍ବାଧିକ ୬ ହଜାର ୫୮୪ ଜଣଙ୍କୁ ଚୟନ କରାଯାଇଛି। ସେହିପରି ବିଜ୍ଞାନରେ ୨ ହଜାର ୪୩୯ ଜଣ, ସଂସ୍କୃତରେ ୯୪୬ ଜଣ, ବାଣିଜ୍ୟରେ ୪୧୬ ଜଣ ଏବଂ ଧନ୍ଦାମୂଳକ ଶିକ୍ଷାରେ ୧୯୧ ଜଣ ଛାତ୍ରଛାତ୍ରୀଙ୍କୁ ଚୟନ କରାଯାଇଛି।

## ଗୋବର୍ଦ୍ଧନ ପୂଜା

ଦେଶବ୍ୟାପୀ ଆଜି ଗୋବର୍ଦ୍ଧନ ପୂଜା ପାଳନ କରାଯାଉଛି। ଭଗବାନ୍ ଶ୍ରୀକୃଷ୍ଣ ଗୋପପୁରବାସୀଙ୍କୁ ପ୍ରବଳ ବର୍ଷାର ପ୍ରକୋପରୁ ରକ୍ଷା କରିବା ପାଇଁ

ନିଜ ବାମହାତ କାଣୀ ଆଙ୍ଗୁଠିରେ ଗୋବର୍ଦ୍ଧନ ପର୍ବତକୁ ଉଠାଇ ଧରି ସମସ୍ତଙ୍କୁ ଆଶ୍ରୟ ଦେଇଥିଲେ। ଏହାପରଠାରୁ ଗୋବର୍ଦ୍ଧନ ପୂଜାର ପୌରାଣିକ ମାନ୍ୟତା ରହିଛି। ଭାଦ୍ରବ ମାସ କୃଷ୍ଣ ତ୍ରୟୋଦଶୀ ତିଥିରେ ଶ୍ରୀବିଗ୍ରହମାନଙ୍କର ଗିରିଗୋବର୍ଦ୍ଧନ ବେଶ ଅନୁଷ୍ଠିତ ହୋଇଥାଏ। ଏହି ବେଶରେ ମହାପ୍ରଭୁ ଜଗନ୍ନାଥ ଗୋବର୍ଦ୍ଧନ ପାହାଡକୁ ଟେକି ଧରିଥିବାର ଦେଖିବାକୁ ମିଳେ।

**ରାଜ୍ୟପାଳ** ଡକ୍ଟର ହରିବାବୁ କମ୍ଭମପାଟି ପବିତ୍ର ଗୋବର୍ଦ୍ଧନ ପୂଜାର ଶୁଭେଚ୍ଛା ଜଣାଇ ରାଜ୍ୟବାସୀଙ୍କ ସୁଖ, ଉତ୍ତମ ସ୍ୱାସ୍ଥ୍ୟ ଓ ସମୃଦ୍ଧିର କାମନା କରିଛନ୍ତି।

**ମୁଖ୍ୟମନ୍ତ୍ରୀ** ମୋହନ ଚରଣ ମାଝୀ ଏହି ଅବସରରେ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଭଗବାନ ଶ୍ରୀକୃଷ୍ଣଙ୍କ ଅପାର କରୁଣାରୁ ସମସ୍ତଙ୍କ ଜୀବନରେ ସୁଖ, ଶାନ୍ତି, ସମୃଦ୍ଧି ଭରିଯାଉ ବୋଲି ଶ୍ରୀ ମାଝୀ କହିଛନ୍ତି।

କେନ୍ଦ୍ରମନ୍ତ୍ରୀ **ଧର୍ମେନ୍ଦ୍ର ପ୍ରଧାନ** ଶୁଭେଚ୍ଛା ଜଣାଇ କହିଛନ୍ତି, ଏହି ପବିତ୍ର ପର୍ବ ଆମକୁ ଗୋବଂଶ ଏବଂ ପ୍ରକୃତିର ସଂରକ୍ଷଣ ପାଇଁ ପ୍ରେରଣା ଦେଇଥାଏ। ଜୀବନରେ ସନ୍ତୁଳନ ବଜାୟ ରଖି ସମୃଦ୍ଧି ଆଡକୁ ପ୍ରେରଣା ଦେଉଥିବା ଏହି ପୂଜା ସମସ୍ତଙ୍କ ଜୀବନରେ ସମୃଦ୍ଧି ଆଣିଦେଉ।

## କାଳୀପୂଜା

**ଭଦ୍ରକ** ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା' ଭଦ୍ରକାଳୀଙ୍କ ପୀଠରେ ପ୍ରସିଦ୍ଧ କାଳୀପୂଜା ୭ ଦିନ ଧରି ଚାଲିଥିବାବେଳେ ଜିଲ୍ଲାର ଚରମ୍ପାଠାରେ ୯ଦିନ

ବ୍ୟାପୀ କାଳୀପୂଜା ମେଳା ଉତ୍ସବ ଅନୁଷ୍ଠିତ ହେଉଛି। ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ସାଂସଦ ଅଭିମନ୍ୟୁ ସେଠୀ, ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ ପ୍ରମୁଖ ମା' ଭଦ୍ରକାଳୀ ଓ ମା' ଦକ୍ଷିଣେଶ୍ୱର କାଳୀଙ୍କ ପୀଠ ଦର୍ଶନ କରିଥିଲେ। ମା' ଭଦ୍ରକାଳୀ ଆଜି ସପ୍ତମାତୃକା ବେଶରେ ଶ୍ରଦ୍ଧାଳୁଙ୍କ ଦର୍ଶନ ଦେଉଛନ୍ତି।

## କାଳୀପୂଜା

**ନବରଙ୍ଗପୁର** ଜିଲ୍ଲା ଉମରକୋଟ ବ୍ଲକ୍ ୟୁଭି-୫୨ ଗ୍ରାମରେ ଥିବା କାଳୀବାଡିରେ କାଳୀଙ୍କ ପୂଜା ଅନୁଷ୍ଠିତ ହେଉଛି। ୯ ଦିନ ଧରି ଚାଲିଥିବା ଏହି ପୂଜା ଦେଖିବା ପାଇଁ ଜିଲ୍ଲା ସମେତ ପଡୋଶୀ ଛତିଶଗଡରୁ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହେଉଛି।

## ପାଣିପାଗ

ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗର ଉପରେ ସ୍ପଷ୍ଟଚିହ୍ନିତ ଲଘୁଚାପ ଆଜି ଅବପାତରେ ପରିଣତ ହେବାର ସମ୍ଭାବନା ରହିଛି। ଏହା ପଶ୍ଚିମ ଓ ଉତ୍ତର ପଶ୍ଚିମ ଦିଗରେ ତାମିଲନାଡୁ, ପଣ୍ଡିଚେରୀ ଓ ଦକ୍ଷିଣ ଆନ୍ଧ୍ରପ୍ରଦେଶ ଆଡକୁ ଅଗ୍ରସର ହେବା ସହ ଅଧିକ ଘନୀଭୂତ ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ଅନୁମାନ କରାଯାଇଛି। ଏହାର ପ୍ରଭାବରେ ଆସନ୍ତା ୨୬ ତାରିଖ ରବିବାର ପର୍ଯ୍ୟନ୍ତ ରାଜ୍ୟରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବା ନେଇ ଭୁବନେଶ୍ୱରସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଅନୁମାନ କରାଯାଇଛି। ପରେ ବଙ୍ଗୋପସାଗରରେ ଆଉ ଦୁଇଟି ଲଘୁଚାପ କ୍ଷେତ୍ର ସୃଷ୍ଟି

ହେବାର ସମ୍ଭାବନା ରହିଛି। ଗୋଟିଏ ୨୬ ଓ ଅନ୍ୟଟି ୨୯ ତାରିଖରେ ସୃଷ୍ଟି ହୋଇପାରେ।

ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଘଡ଼ଘଡ଼ି ସହ ବର୍ଷା ହେବା ନେଇ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ, ମାଲକାନଗିରି ଆଦି ଜିଲ୍ଲାକୁ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି।

ସମ୍ଭାବ୍ୟ ଲଘୁଚାପ ଏବଂ ଅବପାତକୁ ଦୃଷ୍ଟିରେ ରଖି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି, ରାଜ୍ୟ ସରକାର ସମ୍ପୂର୍ଣ୍ଣ ସଜାଗ ରହିଛନ୍ତି। ଦକ୍ଷିଣ ଓଡ଼ିଶାରେ ଅଧିକ ବର୍ଷା ହେବାର ସମ୍ଭାବନା ରହିଛି। ପରିସ୍ଥିତିର ମୁକାବିଲା ପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ପଦକ୍ଷେପ ନିଆଯାଉଛି ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି।